# ଔଷଣ

**(ଔଷଣ ର ଅର୍ଥ ଝାଳ)**

ନିଦାଘ

ମଧ୍ୟାହ୍ନ ଦାରୁଣ, ଦବାନଳ

ଅବସ୍ଥା ଦୁଃସ୍ଥ, ଦୁର୍ବିସହ, ଦୟନୀୟ

ରାଜରାସ୍ତା ଶୂନ୍ୟ

ପଖାଳ କଂସାରେ ଭାତ ଶୂନ୍ୟ, ଖାଲି ତୋରାଣି

ଶୂନ୍ୟ ପୁଣି କମାରରେ ବନ୍ଧା ମୁଣି

ଦାରିଦ୍ର୍ୟ ପଞ୍ଚାକ୍ଷରର ଭାଳେଣି

ସ୍ୱଷ୍ଟ ବାରିହୁଏ

ଦରଭିଜା, ଅଧାଚିରା ଗାମୁଛାଟିରୁ

କପାଳରେ କୁଞ୍ଚିତ ପଞ୍ଚରେଖା ମଧ୍ୟରୁ

ପଡିଯାଏ ଥପ ଥପ

ଅକୁହା କୋହ, ଅଦେଖା ଲୁହ

ଦେହର କର୍ଷଣ, ଶ୍ରମର ଔଷଣ

କଳା ମୁଚୁ ମୁଚୁ ରାଜରାସ୍ତା ଉପରେ

ଯେବେ ରିକସାଟି ଆଗକୁ ଗଡିଚାଲେ । (୧)

ବଢିଚାଲେ ଭିଡ, ଠେଲା ପେଲା

ମାଠିଆ, ଗରାର ଲମ୍ବା ଧାଡି

ଶୃଙ୍ଖଳା ଓଠର ଚାହାଣୀ

ପାଣି ଟିକକ ପାଇଁ,

ତୃଷା ନିବାରଣ ପାଇଁ

ଠିଆରୁ ବସିଯାଏ ଥପ ହୋଇ

ଷୋଳବୟସୀ, ଦରହସି

ଦେହ ପୂରା ଝାଳପୂର୍ଣ୍ଣ,

ଶରୀର ଅଚେତେନ

ହେଲା କୁଆଡେ ଅଂଶୁଘାତ

କୁସୁମେ କୁଠାରଘାତ

ଆୟ କର ଆତ୍ମସାତ । (୨)

ଆତ୍ମସାତ ପୁଣି ଅକ୍ଷିମୁଠିର ଘଡି

ବୀଜ – ବପନ ର ବେଳ

ଆଶା ଭଲହେବ ଅମଳ

ଆଶା ମରିଯାଏ, ଶୁଖିଯାଏ, ସରିଯାଏ

ରକ୍ତାକ୍ତ ହୁଏ କୁଆପଥରରେ

କେବେ ପୁଣି ଅନ୍ଧ ଅଦିନିଆ କୁହୁଡିରେ

ଭାସିଯାଏ ଗୋଳିଆ ପାଣିରେ, କରାଳ ବନ୍ୟାରେ

ଅବା ଝୁଣ୍ଟିପଡେ

ଆଁ କରି ଚାହିଁଥିବା ମରୁଡିଆ ହିଡରେ

ଖାଲି ସାର ହୁଏ

ମୁଣ୍ଡ ଝାଳ ତୁଣ୍ଡରେ ମାରିବା

କାନ୍ଦୁ କାନ୍ଦୁ ହସି ପକାଇବା । (୩)

ହସ ହୋଇଯାଏ କୋହ

ଶ୍ୱେଦ ଯେବେ ହୁଏ  ଲୁହ

ବିନିଦ୍ର ରଜନୀ ପଢା ବହୁ କଷ୍ଟ

ତାହାଠୁଁ କଷ୍ଟ କୋହ ଚାପିରଖିବା

ତାକୁ ତକିଆ କରି ଶୋଇବା

ପଢା ବହି ସହ ମିଶେଇ

ମନଟାକୁ ବାରମ୍ବାର ଭୁଲାଇ

କେମିତି ବା ଜାଣନ୍ତା

ଦରକାର ପଇସା

ନହେବାକୁ ଲୋକହସା

ଝାଳ ସହ ମାଲ ଆବଶ୍ୟକ

ବାପା ତାର ବିଚରା ଶ୍ରମିକ

ପିଚୁ ସହ ତାହାର ନିବିଡ ସମ୍ପର୍କ

ଯେବେ ତରଳେ ପିଚୁ

ଝରିପଡେ ଶ୍ୱେଦ ବିନ୍ଦୁ

ରକ୍ତ ଫାଟି ପାଣି ହୋଇ

ଦେହର ପ୍ରତିଟି ଅଙ୍ଗରୁ

ତାହା ସହ ଟଳିପଡେ ବାପର ସ୍ୱପ୍ନ

ପୁଅ ବି ବିବଷ, ବିଷର୍ଣ୍ଣ, ବିବର୍ଣ୍ଣ

ନାଲିବତୀ ଗାଡି ତଳେ ଚାପିହୋଇ

ଦୁର୍ଭାଗ୍ୟକୁ ସାକ୍ଷୀ ରଖି

ଜନ୍ମଗତ ଅଧିକାର କୁ ଆପଣେଇ । (୪)

ଆପଣାର ଝାଳ ସେ,

ସମ୍ଭ୍ରାନ୍ତଙ୍କର, ଧନୀମାନଙ୍କର

ପୂରା ଶୀତ-ତାପ ନିୟନ୍ତ୍ରିତ

ବାସ୍ନାମୟ, ପୂତପୂର୍ଣ୍ଣ

ଯେବେ ଲଟକୁଥାଏ ଶ୍ୱେଦମୟ ଶରୀର

ମଲ୍ଲୀମାଳ ସଜା ଶେଯରେ

ରଜନୀଗନ୍ଧାର ରଜନୀରେ

ପରକୀୟା-ପ୍ରୀତି ଭରା ରାତିରେ

କିଏ କହେ ତାକୁ

ନିରୀହାର ଧର୍ଷଣ,

ଶାଶ୍ୱତର ଶୋଷଣ,

ମନୁଷ୍ୟତାର ମରଣ;

କିନ୍ତୁ ମୁଁ କହେ ସେ

ଆଧୁନିକ ଚିନ୍ତନ

ସମ୍ଭ୍ରାନ୍ତର ଭୂଷଣ

ଏକ ଅଶୁଭ ଔଷଣ । (୫)

ହିମାଂଶୁ ଶେଖର ବିଶ୍ୱାଳ

୦୩-୦୫-୨୦୧୨, ଭୁବନେଶ୍ୱର, ଓଡିଶା